ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୩୦ ନଭେମ୍ବର, ୨୦୨୦

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ତରବୋଡ,(ଡି.ଏନ.ଏ.): ନୂଆପଡା ଜିଲା କୁଟେନଚୁଆ ପଞ୍ଚାୟତ ତିଲେଝର ଗ୍ରାମରେ ରବିବାର ଭାଲୁ ଆକ୍ରମଣରେ ଶିବ ପ୍ରସାଦ ରାଉତ (୪୫) ନାମକ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ଶିବଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି। ତିଲେଝର ଗାଁର ଶିବ ପ୍ରସାଦ ଜମିକୁ ଧାନ କାଟିବା ପାଇଁ ଯାଇଥିଲେ। ଜଙ୍ଗଲରୁ ମାଈ ଓ ଦୁଇଟି ଛୁଆ ଭାଲୁ ଆସି ଶିବଙ୍କୁ ଆକ୍ରମଣ କରିଥିଲେ। ସେ ଚିତ୍କାର କରିବାରୁ ଜମି ପାଖରେ ଥିବା ଲୋକମାନେ ଠେଙ୍ଗାବାଡି ଧରି ଆସି ହୋହାଲ୍ଲା କରିଥିଲେ। ପରେ ଭାଲୁ ଦୌଡି ଜଙ୍ଗଲକୁ ପଳାଇଥିଲା।



### ସଂକ୍ଷେପରେ

## ଜୟ୍ କିଷାନ ଆନ୍ଦୋଳନର ବୈଠକ

ବଲାଙ୍ଗୀର ଅଫିସ, ୨୯।୧୧

ବଲାଙ୍ଗୀର ଯାଦବ ଭବନଠାରେ କୃଷକ ସଙ୍ଗଠନ ଜୟକିଷାନ ଆନ୍ଦୋଳନର ଜିଲାସ୍ତରୀୟ ଆବାହକ ମଣ୍ଡଳୀ, ଜିଲା ପ୍ରତିନିଧି, ବ୍ଲକ ସଂଯୋଜକ ଓ ସହଯୋଗୀ ସଙ୍ଗଠନମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତ୍ରିଲୋଚନ ପୁଞ୍ଜି ସଭାପତିତ୍ୱ କରିଥିବାବେଳେ ଆବାହକ ସତ୍ୟ ବନଛୋର ସଭା ପରିଚାଳନା କରିଥିଲେ। ଗତ ୧୮ ତାରିଖରୁ ବଲାଙ୍ଗୀରରେ ଧାନକିଣା ଆରମ୍ଭ ହୋଇଛି। ଯେଉଁ ମଣ୍ଡିରେ ଧାନକିଣା ହୋଇଛି ସେଠାରେ ଚାଷୀଙ୍କ ଧାନ କୁଇଣ୍ଟାଲ ପିଛା ୭ରୁ ୮କେଜି କଟ୍‌ନି କରାଯାଉଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ପଞ୍ଚାୟତସ୍ତରରେ କପା ମଣ୍ଡି ଖୋଲିବାକୁ ଆଲୋଚନା ହୋଇଥିଲା। ପ୍ରଶାସନର ଚାଷୀ ଶୋଷଣ ନୀତି ନେଇ ଆଗାମୀ ଡିସେମ୍ବର ୨ତାରିଖରେ ଜିଲାର ପ୍ରତ୍ୟେକ ବ୍ଲକର ଚାଷୀ ପ୍ରତିନିଧିମାନେ ଜିଲାପାଳଙ୍କୁ ଭେଟି ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଛି।

## ମନ୍ତ୍ରୀ ଅରୁଣ ସାହୁଙ୍କ କୁଶପୁତ୍ତଳିକା ଦାହ

ତରବୋଡ, ୨୯।୧୧ (ଡି.ଏନ.ଏ.)

ନୟାଗଡ ଶିଶୁକନ୍ୟା ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଓ ମନ୍ତ୍ରୀ ଅରୁଣ ସାହୁଙ୍କୁ ବହିଷ୍କାର କରିବାକୁ ନୂଆପଡା ଜିଲା ଭାଜପା ମହିଳା ମୋର୍ଚ୍ଚା କର୍ମୀମାନେ ଦାବି କରିଛନ୍ତି। ନୂଆପଡା ଭାଜପା କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ଏକତା ଛକ୍‌ଠାରେ ବିକ୍ଷୋଭ ପ୍ରଦର୍ଶନ କରି ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏଥିରେ ଭାଜପା ସଭାନେତ୍ରୀ ତାରେଶ୍ୱରୀ ସାହୁ, ଜେମା ମଞ୍ଜରୀ ପାଣ୍ଡେ, ସରିତା ସିଂ, ଭୁବନେଶ୍ୱରୀ ଦଣ୍ଡସେନା, ପ୍ରସନ୍ନ କୁମାର ପାଢ଼ୀ, ସୁବ୍ରତ ଠାକୁର, ସୁଶାନ୍ତ କୁମାର ପତୀ ପ୍ରମୁଖ ସାମିଲଥିଲେ।

## ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ସ୍ମୃତି ବକ୍ତୃତା

ବଲାଙ୍ଗୀର ଅଫିସ, ୨୯।୧୧:

ଲିଟେରାରୀ ଆଣ୍ଡ ସୋସିଆଲ କ୍ଲବ ସଭାକକ୍ଷ ବଲାଙ୍ଗୀରରେ ରବିବାର ବାଧିତ ଜନବନ୍ଧୁ ପ୍ରଭାକର ରଥ ସ୍ମୃତି ସମିତି ଆନୁକୂଲ୍ୟରେ ବିଶିଷ୍ଟ ଐତିହାସିକ ପୂର୍ଣ୍ଣଚନ୍ଦ୍ରଙ୍କ ସ୍ମୃତି ବକ୍ତୃତା ଅନୁଷ୍ଠିତ ହୋଇଥିଲା। କବି ରତ୍ନମୟ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ପଥରଚେପା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଧମାନିଧି ଝାଙ୍କର ମୁଖ୍ୟବକ୍ତାଭାବେ ଯୋଗଦେଇ କରୋନା କାଳରେ ଶିଶୁ ଶିକ୍ଷା ବିଷୟରେ ବକ୍ତବ୍ୟ ରଖିଥିଲେ। କରୋନା କାଳକୁ ଏକ ସୁଯୋଗ ବିଚାର କରି ଆମ ପିଲାମାନଙ୍କୁ ନୈତିକ ମୂଲ୍ୟବୋଧ ଶିକ୍ଷା ପ୍ରଦାନ କଲେ ଶିଶୁ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରିପାରିବା ବୋଲି ମତବ୍ୟକ୍ତ କରିଥିଲେ। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ସତ୍ୟବ୍ରତ ରଥ ଐତିହାସିକ ରଥଙ୍କ ଐତିହାସିକ ଜୀବନର ପ୍ରମୁଖ ଘଟଣାବଳୀ ଉପରେ ଆଲୋଚନା କରିଥିଲେ।

## ଗ୍ୟାସ୍ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ



ରାଉରକେଲା ଅଫିସ, ୨୯।୧୧-

ଶନିବାର ରାତିରେ ପୁରୁଣା ରାଉରକେଲା ସ୍ଥିତ ଶିକ୍ଷା ସମିତି ଅଫିସରେ ଗ୍ୟାସ୍ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ ଘଟିଛି। ଏଥିଯୋଗୁ ଶିକ୍ଷା ସମିତି ଅଫିସ ଘର ପୋଡ଼ିଯାଇ ଆସବାବପତ୍ର ନଷ୍ଟ ହୋଇଛି। ଏହି ଅଫିସ ଭିତରେ ଥିବା ଆଲମିରା, ଜେନେରେଟର, ସିଲିଂ ଫ୍ୟାନ ଆଦି ସମ୍ପୂର୍ଣ୍ଣ ପୋଡିଯାଇଛି। ଘର କାନ୍ଥ କିଛିଅଂଶ ଭୁଶୁଡିବା ସହ ଛାତ ବି ଫାଟିଯାଇଛି। ଖବରପାଇ ଅଗ୍ନିଶମ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଫିସ ପରିସରରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟି ଏଥରୁ ପ୍ରଚଣ୍ଡ ଶବ୍ଦ ବାହାରିବାରୁ ପୁରୁଣା ରାଉରକେଲା ନବକୃଷ୍ଣନଗର ବାସିନ୍ଦା ଭୟଭୀତ ହୋଇ ପଡିଥିଲେ। କେଉଁ କାରଣରୁ ନିଆଁ ଲାଗିଲା ସେନେଇ କିଛି ସ୍ପଷ୍ଟ ଜଣାପଡ଼ିନାହିଁ। ଏହି ଅଫିସରେ ଶୋଉଥିବା ପିଅନ ବଂଶୀଧର କିଷାନ ଅଗ୍ନିକାଣ୍ଡ ବେଳେ ଅନୁପସ୍ଥିତ ଥିବାରୁ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିବା ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି। ଏନେଇ ଟାଙ୍ଗରପାଲ୍ଲୀ ପୋଲିସ ତଦନ୍ତ କରୁଛି।

# ଖାଲି ପଡ଼ିଛି କୃଷି ଅଧିକାରୀ ପଦବୀ

ସୋନପୁର,୨୯।୧୧(ନି.ପ୍ର.)

**ସୁବର୍ଣ୍ଣପୁର ଜିଲା**
**ସୋନପୁର, ବୀରମହାରାଜପୁର ଏଡିଓ ପଦ ଖାଲି**

କୃଷି ପ୍ରଧାନ ସୁବର୍ଣ୍ଣପୁର ଜିଲାରେ ଗୁରୁତ୍ୱପୂର୍ଣ୍ଣ କୃଷି ଅଧିକାରୀ ପଦବୀ ଖାଲି ପଡିଛି। କୃଷି ବିଭାଗର ମୁଖ୍ୟ ପଦବୀ ଜିଲା ମୁଖ୍ୟ କୃଷି ଅଧିକାରୀ(ସିଡିଏଓ) ପଦବୀ ଖାଲି ପଡିଥିଲେ ହେଁ ସରକାରଙ୍କ ଦୃଷ୍ଟି ନାହିଁ। ସେହିପରି ୧ ବର୍ଷ ହେବ ବୀରମହାରାଜପୁର କୃଷି ଜିଲା ଅଧିକାରୀ(ଏଡିଓ) ଓ ପ୍ରାୟ ୨ ମାସ ଧରି ସୋନପୁର ଏଡିଓ ପଦବୀ ପୂରଣ ହେଉନି। ସିଡିଏଓଙ୍କ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ କୃଷି(ଏଡିଏ) ଶ୍ରୀନିବାସ ମଲ୍ଲିକ ଉଭୟ ସୁବର୍ଣ୍ଣପୁର ସିଡିଏଓ ଓ ସୋନପୁର ଏଡିଓ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ସେହିପରି ଉଲୁଣ୍ଡା ବିଏଓ ବୀରମହାରାଜପୁର ଏଡିଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ସୋନପୁର ଓ ବୀରମହାରାଜପୁର ବ୍ଲକ କୃଷି ଅଧିକାରୀ(ବିଏଓ) ପଦବୀ ମଧ୍ୟ ଖାଲି ଅଛି। ମୋଟ ୧୮୫ଟି ମଞ୍ଜୁରୀ ପ୍ରାପ୍ତ ଅଧିକାରୀ, କର୍ମଚାରୀଙ୍କ ମଧ୍ୟରୁ ୭୩ କୃଷି ଅଧିକାରୀ ଓ ୨୩ କର୍ମଚାରୀ ପଦ ଖାଲି ପଡିଛି। ଏଥିପାଇଁ ଗ୍ରାମାଞ୍ଚଳରେ ଚାଷୀ ରୋଗପୋକ ଓ ଚାଷ ସମ୍ପର୍କିତ ଉପଯୁକ୍ତ ପରାମର୍ଶ ନ ପାଇ କ୍ଷତି ସହୁଛନ୍ତି। ଚାଷୀଙ୍କ ସ୍ୱାର୍ଥ ପ୍ରତି ସରକାର ଯେ ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି ଏଥିରୁ ସ୍ପଷ୍ଟ ହୋଇଛି। ରାଜ୍ୟ ସରକାର ଖାଲିଥିବା ପଦବୀଗୁଡିକୁ ପୂରଣ ଦିଗରେ ତତ୍ପରତା ପ୍ରକାଶ କରିବାକୁ କୃଷକ ସଂଗଠନ ଗୁଡିକ ପକ୍ଷରୁ ଦାବି ହେଉଛି।

ଜିଲା ଗଠନର ଦୀର୍ଘ ବର୍ଷ ପରେ ୨୦୧୦ରେ ଜିଲା କୃଷି ଉପନିର୍ଦ୍ଦେଶକ(ଡିଡିଏ)ଙ୍କ କାର୍ଯ୍ୟାଳୟ ଖୋଲିଲା। ପୂର୍ବରୁ ଏହି କାର୍ଯ୍ୟାଳୟ ବଲାଙ୍ଗୀରରେ ଥିଲା । ଚାଷୀଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଥିଲା ନୂଆ କାର୍ଯ୍ୟାଳୟ ଖୋଲିବା ପରେ। କିନ୍ତୁ କୃଷି ଉପ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦେଇ ସରକାର ସବୁ ଭୁଲିଗଲେ। ପିଅନ, କର୍ମଚାରୀଙ୍କୁ ନିଯୁକ୍ତି ଦିଆଗଲାନି। ଗତବର୍ଷ କେବଳ ମଞ୍ଜୁରୀ ପ୍ରାପ୍ତ କିରାଣୀ ପଦବୀ ଗୁଡିକରେ ନିଯୁକ୍ତି ଦିଆଯାଇଛି। ଇତିମଧ୍ୟରେ ୧୦ ବର୍ଷ ବିତିବାକୁ ବସିଛି। ବଲାଙ୍ଗୀର, ପାଟଣାଗଡ, ସୋନପୁର ଓ ବୀରମହାରାଜପୁର ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ କର୍ମଚାରୀ ଓ ଅଧିକାରୀଙ୍କୁ ଡେପୁଟେସନରେ ଆଣି ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଅଫିସର କାର୍ଯ୍ୟ ସମ୍ପାଦିତ ହେଉଛି। ଜିଲାର ୭ଟି ସହକାରୀ କୃଷି ଅଧିକାରୀ, ୫ କୃଷି ଓଭରସିଅର, ଜଣେ ପ୍ଲାଣ୍ଟ ପ୍ରୋଟେକ୍ସନ ଅଫିସର, ସହକାରୀ ବାୟୋ କେମିଷ୍ଟ ଓ ୩୬ ଜଣ ଗ୍ରାମ୍ୟ କୃଷି କର୍ମଚାରୀ ପଦବୀ ପୂରଣ ହେଉନି। କୃଷି ଓ ରୋଗପୋକ ବିଶେଷଜ୍ଞ ଜିଲାରେ ଜଣେ ବି ନାହାନ୍ତି। ରାସାୟନିକ, ଜୈବିକ ଓ ଯାନ୍ତ୍ରିକ ପଦ୍ଧତିରେ କୀଟଙ୍କୁ ନିୟନ୍ତ୍ରଣ ପାଇଁ ଚାଷୀଙ୍କୁ ଠିକ୍ ପରାମର୍ଶ ଦେବା ସକାଶେ କର୍ମଚାରୀ ଓ ଅଧିକାରୀଙ୍କ ଅଭାବ ଅନୁଭୂତ ହେଉଛି। ରୋଗ ପୋକ କ୍ଷେତରେ ଲାଗିଲେ ସ୍ଥାନୀୟ ଚାଷୀ ଦୋକାନୀଙ୍କ ପରାମର୍ଶରେ ହିଁ କୀଟନାଶକ ଔଷଧ ପ୍ରୟୋଗ କରୁଛନ୍ତି । ଚାଷୀଙ୍କୁ ନୂତନ ଜ୍ଞାନ କୌଶଳ ମିଳୁନି । ରେକର୍ଡ ସଂଖ୍ୟକ ଧାନ ଉତ୍ପାଦନ କରୁଥିବା ଏହି ଜିଲାର ଦୁଇ ଜଣ ମହିଳା ଚାଷୀ ରାଷ୍ଟ୍ରପତିଙ୍କ ଠାରୁ ସମ୍ମାନ ଜନକ କୃଷି କର୍ମଣ ପୁରସ୍କାର ପାଇଛନ୍ତି। ଗତ ୨୦୧୮-୧୯ ଓ ୨୦୧୯-୨୦ ରବି ଋତୁରେ ଏହି ଜିଲା ବରଗଡ ପରେ ରାଜ୍ୟର ଦ୍ୱିତୀୟ ସର୍ବାଧିକ ଧାନ ଉତ୍ପାଦନ କରିଥିଲା । ଚାଲୁ ରହିଥିବା ଅଙ୍ଗ କେନାଲ ସମ୍ପ୍ରସାରଣ କାର୍ଯ୍ୟ ଓ ମେଗା ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟଗୁଡିକ ସମ୍ପୂର୍ଣ୍ଣ ହେଲେ କୃଷି କ୍ଷେତ୍ରରେ ଏହି ଜିଲା ଆହୁରି ସୁନାମ ଆଣିବ । କିନ୍ତୁ ଜିଲାର ଚାଷୀଙ୍କୁ ଅଣଦେଖା କରା ଯାଉଥିବା ଅଭିଯୋଗ ହେଉଛି।

# ପୁଣି ବିନିକା ଅଞ୍ଚଳର ଦୁଇ ଜଣଙ୍କୁ ଜିଏସ୍‌ଟି ଠକେଇ ନୋଟିସ



ବିନିକା,୨୯।୧୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଜିଏସ୍‌ଟି ଫାଙ୍କିବା ନୋଟିସ୍ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ବ୍ୟକ୍ତିଙ୍କ ନାଁରେ ଆସିବାରେ ଲାଗିଛି । ଗତ ୧୮ ତାରିଖରେ ସିଂଘିଯୁବା ଗାଁ କଲୋନୀପଡାର ଆଦିବାସୀ ବୃଦ୍ଧ ଭଗବାନ ଧରୁଆ(୬୮)ଙ୍କ ନାଁରେ ସାଢେ ୧୦ କୋଟି ଟଙ୍କା ଜିଏସ୍‌ଟି ଫାଙ୍କିଥିବାର ନୋଟିସ୍ ବଲାଙ୍ଗୀର ସିଟି ଆଣ୍ଡ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ୟୁନିଟ୍ ପକ୍ଷରୁ ହୋଇଥିଲା। ଏହି ନୋଟିସ୍ ଦେବାର ୧୦ଦିନ ପରେ ପୁନଶ୍ଚ ବାବୁପାଲି ଗ୍ରାପ ଦେଣ୍ଟୁପଦର ଗାଁ ଠିକାଦାରପଡାର ଦୁଇଜଣ ଯୁବକଙ୍କ ନାଁରେ ଲକ୍ଷାଧିକ ଟଙ୍କାର ଜିଏସ୍‌ଟି ଫାଙ୍କିବା ନୋଟିସ ହୋଇଛି। ସିଟି ଆଣ୍ଡ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ୟୁନିଟ ,ବଲାଙ୍ଗୀରର ୪ଜଣିଆ ଟିମ୍ ଶନିବାର ଠିକାଦାରପଡାରେ ପହଞ୍ଚି ଉକ୍ତ ଯୁବକ ଦ୍ୱୟଙ୍କୁ ନୋଟିସ ପ୍ରଦାନ କରିଛନ୍ତି । ନୋଟିସ ପାଇଥିବା ଦୁଇଜଣ ଯୁବକ ହେଲେ ଗୌରାଙ୍ଗ ନାଗ୍(୩୦) ଓ ବଲ୍ଲଭ ବାଘ(୩୮) । ବଲାଙ୍ଗୀର ଜିଏସ୍‌ଟି ୟୁନିଟ୍ ଉଭୟ ଯୁବକଙ୍କୁ ଜିଏସ୍‌ଟି ଫାଙ୍କିବା ନେଇ ପଚରାଉଚୁରା କରିଥିଲା । ମାତ୍ର ଉଭୟ ଯୁବକ ଆମେ ମୂଲ ଲାଗିଲେ ପରିବାର ଚଳେ ବୋଲି କହିଥିଲେ ।

ପ୍ରକାଶଥାଉ କି, ଠିକାଦାରପଡାର ବଲ୍ଲଭଙ୍କ ନାଁରେ ଲାକ୍ରା ଷ୍ଟିଲ ନାମରେ ଏକ କମ୍ପାନୀ ଥିବାର ଦର୍ଶାଯାଇ ଜିଏସଟି ଫାଙ୍କିଥିବା ଉଲ୍ଲେଖ ରହିଛି । ସେହିପରି ଗୌରାଙ୍ଗଙ୍କ ନାଁରେ ୧୦ ଲକ୍ଷ ଟଙ୍କା ଜିଏସଟି ଫାଙ୍କିଥିବା ନୋଟିସରେ ରହିଛି । ଗୋଟିଏ ମାସରେ ୩ ଜଣଙ୍କ ନାଁରେ ନୋଟିସ ଆସିବା ଘଟଣା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଶନିବାର ଉଭୟ ଯୁବକ ବିନିକା ଥାନାରେ ଏହି ଘଟଣାରେ ସେମାନେ ଜଡିତ ନ ଥିବା କହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହ ନ୍ୟାୟ ଭିକ୍ଷା କରିଛନ୍ତି।

# ଶାଳ ଚଉକାଠ ଜବତ, ୩ ଗିରଫ



ଜବତ୍ ଚଉକାଠ ବୋଝେଇ ୨୦୭ ଭ୍ୟାନ୍।



ଗିରଫ ତିନି ଅଭିଯୁକ୍ତ।

ବଲାଙ୍ଗୀର ଅଫିସ,୨୯।୧୧

**ବୌଦ୍ଧ ଜିଲାରୁ ଆସୁଥିଲା ଚୋରା କାଠ**

ବୌଦ୍ଧ ଜିଲାରୁ ବଲାଙ୍ଗୀରକୁ ଚୋରାଚାଲାଣ ହେଉଥିବା ଶାଳ ଚଉକାଠ ବୋଝେଇ ଏକ ୨୦୭ ଭ୍ୟାନ୍‌କୁ ବନବିଭାଗ ଟିମ୍ ଜବତ୍ କରିଛି । ଏହି କାଠ ବୋଝେଇ ଭ୍ୟାନ୍‌କୁ ପାଇଲଟିଂ କରି ବନବିଭାଗକୁ ଚକ୍‌ମା ଦେବାକୁ ଚେଷ୍ଟା କରୁଥିବା ଏକ ବୋଲେରୋକୁ ମଧ ବଲାଙ୍ଗୀର ବନବିଭାଗ ଟିମ୍ ଜବତ୍ କରିଛି। ଚୋରାଚାଲାଣ ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ତୁଷରା ଥାନା ଚିଚେଡ ଗ୍ରାମର ବିଶିକେଶନ ରଣା (୪୮), ବଡବାହାଲ ଗ୍ରାମର ୨୦୭ ଗାଡି ମାଲିକ ତଥା ଡ୍ରାଇଭର ବିରାଟ ରଣା (୪୦) ଓ ତୁଷରାର ବୋଲେରୋ ଗାଡି ମାଲିକ ତଥା ଡ୍ରାଇଭର ରାମଜାନ୍ ମହମ୍ମଦ (୫୪)।

ବୌଦ୍ଧ ଜିଲାରୁ ଲକ୍ଷାଧିକ ଟଙ୍କାର ଶାଳ ଚଉକାଠ ବୋଝେଇ ଏକ ୨୦୭ ଭ୍ୟାନ୍ ତୁଷରା ଅଭିମୁଖେ ଆସୁଥିବା ନେଇ ବଲାଙ୍ଗୀର ଡିଏଫ୍‌ଓ ସମୀର ଶତପଥୀଙ୍କୁ ସୂଚନା ମିଳିଥିଲା । ଏଭଳି ସୂଚନା ପାଇବା ପରେ ଡିଏଫ୍‌ଓ ଶତପଥୀ ବନବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ । ଶନିବାର ରାତି ପ୍ରାୟ ୧ଟାରେ ଆଗରେ ଏକ ବୋଲେରୋ ଓ ତାର ଠିକ୍ ପଛରେ ଏକ ୨୦୭ ଭ୍ୟାନ୍ ଆସୁଥିବା ଦେଖାଯାଇଥିଲା । ପୂର୍ବରୁ ପ୍ରସ୍ତୁତ ଥିବା ବନବିଭାଗ ସ୍ୱତନ୍ତ୍ର ଟିମ୍ ତୁଷରା ନିକଟରେ କାଠ ବୋଝେଇ ଗାଡି ଓ ପାଇଲଟିଂ କରୁଥିବା ବୋଲେରୋକୁ ଜବତ୍ କରିଥିଲା । ଜବତ୍ ଶାଳ ଚଉକାଠର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି ।

## ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ଗଠିତ

ଦେଓଗାଁ,୨୯।୧୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ନୂତନ ଗ୍ରାମ୍ୟ ଉନ୍ନୟନ କମିଟି ଗଠିତ ହୋଇଛି । ସର୍ବସମ୍ମତିକ୍ରମେ ନୂତନ କମିଟିର ସଭାପତିଭାବେ ଡା. ଶଶୀଭୂଷଣ ସାହୁ, ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ, ଉପସଭାପତି ବିଶ୍ୱଜିତ ପାତ୍ର(ପପୁ), ସହସମ୍ପାଦକ ପ୍ରଦ୍ୟୁମ୍ନ କିଶୋର ସାହୁ ଓ କୈଳାସ ତାଣ୍ଡି ଏବଂ କୋଷାଧ୍ୟକ୍ଷଭାବେ ସଞ୍ଜୟ ହୋତା ମନୋନୀତ ହୋଇଥିଲେ। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ବିଘ୍ନେଶ୍ୱର ସାହୁ, ସୁଶୀଲ ହରପାଲ, ସଞ୍ଜୟ ମହାନନ୍ଦ, ରଜନୀକାନ୍ତ ମହାନ୍ତି, କାର୍ତ୍ତିକ ମଲ୍ଲିକ, ଜଗୁ ସାହୁ, ସଞ୍ଜୀବ ସାହୁ, ଶଙ୍କର ବେହେରା, ପିଣ୍ଟୁ ପୋଢ଼ ପ୍ରମୁଖ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ବସନ୍ତ ଅଗ୍ରୱାଲ, କୃଷ୍ଣଚନ୍ଦ୍ର ସାହୁ, ଶଙ୍କର ପ୍ରସାଦ ସାହୁ, ଧନମତ ପନୁଆଁ, ରାଜ କୁମାର ବାରିକ, ରମେଶ ଚନ୍ଦ୍ର କର୍ତ୍ତ ପ୍ରମୁଖ ରହିଛନ୍ତି । ଦେଓଗାଁ ରେଳଷ୍ଟେଶନରେ ଏକ୍ସପ୍ରେସ ରହଣୀ, ବସ୍‌ଷ୍ଟାଣ୍ଡରେ ଶୌଚାଳୟ ନିର୍ମାଣ, ବିଜୟାନନ୍ଦ ସମବାୟ ଚିନିକଳ ପୁନଃଚାଲୁ, ଦେଓଗାଁରେ ଜେଏମଏଫସି କୋର୍ଟ ଓ ସବଟ୍ରେଜେରୀ ଅଫିସ ସ୍ଥାପନ ଆଦି ଦିଗରେ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକରିବା ପାଇଁ ବୈଠକରେ ପ୍ରସ୍ତାବ ଆଗତ ହୋଇଥିଲା । ବସନ୍ତ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲୋଟସ ସଭାନେତ୍ରୀ, ପ୍ରଭାସ ସାଧାରଣ ସମ୍ପାଦକ

ସମ୍ବଲପୁର, ୨୯।୧୧ (ବ୍ୟୁରୋ)

ନିଖିଳ ଓଡିଶା ଆୟୁଷ ଡାକ୍ତର ସଂଘ ନିର୍ବାଚନ ନଭସଞ୍ଚାର ଜରିଆରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ପକ୍ରିୟା ଗତ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ୨୬ ତାରିଖ ଅପରାହ୍ନରେ ଅନ୍‌ଲାଇନ ଜରିଆରେ ଫଳାଫଳ ଘୋଷିତ ହୋଇଥିଲା। ଡା. ଲୋଟସ ମିଶ୍ର ସଭାନେତ୍ରୀ ଓ ଡା. ପ୍ରଭାସ ଚନ୍ଦ୍ର ସ୍ୱାଇଁ ସାଧାରଣ ସମ୍ପାଦକଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଡା. ଯଯାତି କେଶରୀ ବେହେରା, ଡା. ଆୟସକାନ୍ତ ମହାନ୍ତି ଓ ଡା. ପ୍ରତିଭା ରାୟ ଉପସଭାପତି, ଡା. ସାଇରାମ ମହାପାତ୍ର, ଡା. ତୁଷାରକାନ୍ତ ସାମଲ ଓ ଡା. ଭାରତୀ ଆଚାର୍ଯ୍ୟ ଯୁଗ୍ମ ସମ୍ପାଦକ, ଡା. ରାମମୋହନ ସିହ୍ନା କୋଷାଧ୍ୟକ୍ଷ, ଡା. କୁମାର ସୂର୍ଯ୍ୟନାରାୟଣ, ଡା. ଚନ୍ଦ୍ରାଂଶୁ ସୁତାର, ଡା. ବିଶ୍ୱଜିତ ନାୟକ, ଡା. ଦିଭେନ୍ଦୁ ସାହୁ, ଡା. ଫକୀରଚରଣ ଜେନା କ୍ଷେତ୍ର ପରିଚାଳନା ସଭ୍ୟଭାବେ ନିର୍ବାଚିତ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ସିଏଚଏସି ଓ ପିଏଚସିରେ କାର୍ଯ୍ୟ କରୁଥିବା ଆୟୁଷ ଡାକ୍ତରମାନଙ୍କୁ ନେଇ ସଂଘ ହୋଇଛି। ଏ ନେଇ ଶୁକ୍ରବାର ରାଜ୍ୟ ସାଧାରଣ ସମ୍ପାଦକ ଆଶୁତୋଷ ଜେନା ଏକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି ।

**ନିଖିଳ ଓଡ଼ିଶା ଆୟୁଷ ଡାକ୍ତର ସଂଘ ନିର୍ବାଚନ**



ଡା. ଲୋଟସ ମିଶ୍ର ।



ଡା. ପ୍ରଭାସ ଚନ୍ଦ୍ର ସ୍ୱାଇଁ ।

# କ୍ୟାନସର ହସ୍ପିଟାଲ ନିର୍ମାଣ ପ୍ରକ୍ରିୟା ଆରମ୍ଭ

ବରଗଡ଼ ଅଫିସ,୨୯।୧୧

**ବ୍ୟୟ ଅଟକଳ ରିପୋର୍ଟ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ**

ବରଗଡ଼ରେ କ୍ୟାନସର ହସ୍ପିଟାଲ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ବିଭାଗୀୟ ମୁଖ୍ୟଯନ୍ତ୍ରୀ ବି. ସି ତ୍ରିପାଠୀ ତାଙ୍କ ପତ୍ରସଂଖ୍ୟା- ୩୭୮୧୬ ତା୨୭।୧୧।୨୦ରିଖରେ କ୍ୟାନସର ହସ୍ପିଟାଲ ପାଇଁ ନିରୂପିତ ସ୍ଥାନର ପ୍ଲାନ, ଡିଜାଇନ୍ ଏବଂ ବ୍ୟୟ ଅଟକଳ ରିପୋର୍ଟ ପ୍ରସ୍ତୁତ ପାଇଁ ବରଗଡ଼ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ନିର୍ଦ୍ଦେଶନାମା ଆସିବା ପରେ କ୍ୟାନସର ହସ୍ପିଟାଲ ନିର୍ମାଣ ନେଇ ଜିଲାବାସୀଙ୍କ ମଧ୍ୟ ନୂଆ ଆଶା ସଞ୍ଚାର ହୋଇଛି । ପ୍ରକାଶଥାଉକି ଜିଲାରେ କ୍ୟାନସର ଆକ୍ରାନ୍ତ, ମୃତକଙ୍କ ସଂଖ୍ୟା ବୃଦ୍ଧି ଚିନ୍ତାଜନକ ହୋଇ ପଡ଼ିଛି। ରାଜ୍ୟର ସର୍ବାଧିକ ଆକ୍ରାନ୍ତ, ମୃତକ ବରଗଡ଼ ଜିଲାର। ଏହି ଦୃଷ୍ଟିରୁ ବରଗଡ଼ରେ ଏକ କ୍ୟାନସର ହସ୍ପିଟାଲ ସ୍ଥାପନ ପାଇଁ ଦୀର୍ଘଦିନ ହେଲା ଜିଲାବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଛି। ଏପରିକି ଜିଲାବାସୀଙ୍କ ଏଭଳି ଦାବି ପରେ ମୁଖ୍ୟମନ୍ତ୍ରୀ ମଧ୍ୟ କ୍ୟାନସର ହସ୍ପିଟାଲ ସ୍ଥାପନ ନେଇ ଘୋଷଣା କରିସାରଛନ୍ତି। ଏପରିକି ଏକ ବିଶେଷଜ୍ଞ ଟିମ୍ ଖେଦାପାଲିସ୍ଥିତ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ସେଥିପାଇଁ ସ୍ଥାନ ନିରୂପଣ କରି ସାରିଛନ୍ତି। ମାତ୍ର ସ୍ଥାନ ନିରୂପଣ ପରେ କ୍ୟାନସର ହସ୍ପିଟାଲ ନିର୍ମାଣ ନେଇ କୌଣସି ଅଗ୍ରଗତି ହୋଇ ନଥିବା ଯୋଗୁ ଗତ ସପ୍ତାହରେ ଜିଲାରେ ପୁଣି ଆନ୍ଦୋଳନ, ଅନଶନ ମାଧ୍ୟମାରେ ସେହି ଦାବିକୁ ସ୍ଥାନୀୟ ଲୋକେ ଦୋହରାଇଥିଲେ । ଏହାପରେ ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସି କ୍ୟାନସର ହସ୍ପିଟାଲ ସ୍ଥାପନର ଅଗ୍ରଗତି ଉପରେ ସମୀକ୍ଷା କରାଯାଇ ଥିବାବେଳେ ଶୁକ୍ରବାର ଏହା ନିର୍ମାଣ ପାଇଁ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଏଭଳି ନିର୍ଦ୍ଦେଶ ଦେଇଛନ୍ତି।

# ତଦନ୍ତ ଆରମ୍ଭ, ଫିଟୁଛି ଗୁମର

ଭବାନୀପାଟଣା, ୨୯।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ନିକଟ ରିଷିଗାଁ ମୌଜାରେ ସରକାରୀ ଜମି ହଡପ ଘଟଣା ନେଇ କଳାହାଣ୍ଡି ତହସିଲଦାର ଓ ସଦର ଆର୍‌ଆଇ ଜବରଦଖଲ ସ୍ଥାନରେ ପହଞ୍ଚି ତଦନ୍ତ କରିଛନ୍ତି । ଏଥିରେ ଆହୁରି ଅନେକ ଜବର ଦଖଲକାରୀ ସମ୍ପୃକ୍ତ ଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏନେଇ ତୁରନ୍ତ ସବିଶେଷ ରିପୋର୍ଟ ପ୍ରଦାନ ପାଇଁ ସଦର ଆର୍‌ଆଇଙ୍କୁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଞ୍ଚଳରେ କେବଳ ୪ ଟି ଗରିବ ପରିବାର ଥିବା ବେଳେ ବହୁ ବିତ୍ତଶାଳୀ ଜାଗା ମାଡି ବସିଛନ୍ତି। ଜବରଦଖଲ ସଂଖ୍ୟା ଅଧିକ ଥିବା ଯୋଗୁ ଏହାର ଏକ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ସଦର ଆର୍‌ଆଇଙ୍କୁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି । ରିପୋର୍ଟ ଆସିବା ପରେ ଜମିର ମାପଚୁପ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ତହସିଲଦାର କହିଛନ୍ତି ।

# ଚାକିରି ନାଁରେ ଟଙ୍କା ଅସୁଲ ଅଭିଯୋଗ

ସମ୍ବଲପୁର,୨୯।୧୧(ବ୍ୟୁରୋ)

**କମ୍ପାନୀ ଅଧିକାରୀ ଥାନାରେ ଅଟକ**

ସମ୍ବଲପୁର ସଦର ଥାନା ଅଧୀନ ମାନେଶ୍ୱରରେ ଗତ କିଛିଦିନ ହେବ ଉର୍ଯୋଗ ପଞ୍ଚତତ୍ତ୍ୱ ନାମକ ଏକ କମ୍ପାନୀ ଖୋଲି ଥିଲା । ସେହି କମ୍ପାନୀରେ ନିଯୁକ୍ତି ଦେବା ଆଳରେ ଟଙ୍କା ଅସୁଲ କରାଯାଇଥିବା ଜଣାପଡିବା ପରେ ପୋଲିସ କମ୍ପାନୀର ଜଣେ ଅଧିକାରୀଙ୍କୁ ଥାନାରେ ଅଟକ ରଖିଛି। ସେ ନିଯୁକ୍ତି ପତ୍ର ଦେଇ ଜଣ ପିଛା ୬୫୦ ଟଙ୍କା ଆଦାୟ କରୁଥିଲେ ବୋଲି ଅଭିଯୋଗ ହୋଇଥିଲା । ଶନିବାର ରାତିସାରା ଅଫିସରେ ତାଲା ପକାଇ କେତେଜଣ ଯୁବକ ତାଙ୍କୁ ଅଟକ ରଖିଥିବା ବେଳେ ପୋଲିସ ତାଙ୍କୁ ସକାଳେ ଉଦ୍ଧାର କରିଥିଲା । ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ସୂଚନାଯୋଗ୍ୟ, ଏହି ଅଞ୍ଚଳରେ ପ୍ରାୟ ଏକ ମାସ ହେବ ସମ୍ପୃକ୍ତ ଅଧିକାରୀ ଘରଭଡା ନେଇ ଅଫିସ କରିଥିଲେ । ଏହାପରେ ସେ ବେକାର ଯୁବତୀ ଓ ଯୁବକମାନଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରଚାର କରିଥିଲେ । ଖବର ପାଇ ମାନେଶ୍ୱର ଓ ଯୁଯୁମୁରା ବ୍ଲକ ସମେତ ବିଭିନ୍ନ ଅଞ୍ଚଳରୁ ବହୁ ଯୁବତୀ, ଯୁବକ ନିଯକ୍ତି ଆଶାରେ ଆସିଥିଲେ । ସେ ସମୟରେ ସମ୍ପୃକ୍ତ ଅଧିକାରୀ ଅଫିସ ଖର୍ଚ୍ଚ ବାବଦକୁ ପ୍ରତି ଆବେଦନକାରୀଙ୍କଠାରୁ ୬୫୦ ଟଙ୍କା ଆଦାୟ କରିଥିଲେ । ହେଲେ ନିଯୁକ୍ତି ପାଇଥିବା ଯୁବତୀଯୁବକମାନଙ୍କୁ କୌଣସି କାମ ଦେଇ ନ ଥିଲେ । ଫଳରେ ସନ୍ଦେହ ହେବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ପୋଲିସକୁ ହସ୍ତକ୍ଷେପ କରିବାକୁ ପଡିଥିଲା।

# ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଅଧୀନରେ ସାମିଲ କରାଯାଉ

ବୌଦ୍ଧ,୨୯।୧୧(ସ୍ୱ.ପ୍ର.)

**ସରକାରୀ ନାଲିଫିତା ତଳେ ଚାପି ହୋଇ ରହିଛି ଜିଲାବାସୀଙ୍କ ଦାବି**

ବୌଦ୍ଧ ଜିଲା ଗଠନ ହେବାର ୨୬ ବର୍ଷ ପୂରିବାକୁ ବସିଥିବା ବେଳେ ଜିଲାବାସୀଙ୍କ ଦୀର୍ଘଦିନର ଦାବି ସରକାରୀ କଳର ନାଲିଫିତା ତଳେ ଚାପି ହୋଇରହିଛି । ଭୌଗୋଳିକ ଦୃଷ୍ଟିକୋଣରୁ ଏହି ଜିଲା ଓଡିଶାର ମଧ୍ୟସ୍ଥଳରେ ଅବସ୍ଥିତ । ଜିଲାବାସୀଙ୍କ ଆନ୍ଦୋଳନ ପରେ ୧୯୯୪ ଜାନୁୟାରୀ ୧ ତାରିଖରେ ବୌଦ୍ଧ ଜିଲା ଗଠନ ହୋଇଥିଲା। ଜିଲାବାସୀଙ୍କ ସଂସ୍କୃତି, ପରମ୍ପରା, ସାମାଜିକ ଚଳଣି, ଶିକ୍ଷା ଆଦି ପଶ୍ଚିମ ଓଡିଶା ସହ ଅଙ୍ଗାଙ୍ଗୀ ଭାବେ ଜଡିତ । ବର୍ତ୍ତମାନ ଏହି ଜିଲା ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଅଧୀନରେ ଥିବା ବେଳେ ଜିଲାବାସୀଙ୍କ ସୁବିଧା ପାଇଁ ଜିଲାକୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଅଧୀନକୁ ଆଣିବା ପାଇଁ ଦାବି ହୋଇଆସୁଛି । ଏଥିପାଇଁ ଜିଲା ଓକିଲ ସଂଘ, ନାଗରିକ କମିଟି, ସାମ୍ବାଦିକ ସଂଘ, ବରିଷ୍ଠ ନାଗରିକ ମଞ୍ଚ, କର୍ମଚାରୀ ସଂଘ, ଜିଲା ଉନ୍ନୟନ ପରିଷଦ, ରାଜନୈତିକ ଦଳ ଏବଂ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ପରେ ବି ଦାବି ପୂରଣ ହୋଇପାରୁନାହିଁ। ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ କାର୍ଯ୍ୟାଳୟ ବ୍ରହ୍ମପୁରରେ ଥିବା ବେଳେ ଏଠାକୁ ଯିବା ପାଇଁ ବୌଦ୍ଧ ଜିଲାରୁ ୨୩୫ କି.ମି ପଡୁଛି । କିନ୍ତୁ ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଅଧୀନକୁ ଆସିଲେ ଜିଲାରୁ ମାତ୍ର ୧୦୦ କିମି ଦୂର ହେବ। ଅପରପକ୍ଷେ ବୌଦ୍ଧ ଜିଲା ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧୀନରେ ରହିଥିବା ବେଳେ ଜିଲାବାସୀ ବୁର୍ଲା ମେଡିକାଲ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି । ଏପରି କି ଶିକ୍ଷା ପାଇଁ ସମ୍ବଲପୁର ୟୁନିଭରସିଟି, ଜମିବାଡି ସଂକ୍ରାନ୍ତ ମୋକଦ୍ଦମା ପାଇଁ ଉପ କମିଶନର କାର୍ଯ୍ୟାଳୟ ଆଦି ସମ୍ବଲପୁର ଠାରେ ରହିଛି। ୨୦୦୭ରେ ରାଜସ୍ୱ ପରିଷଦ କାର୍ଯ୍ୟାଳୟ, କଟକ ପତ୍ରସଂଖ୍ୟା ୯୩୩ରେ ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଏବଂ ବୌଦ୍ଧ ଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ମତାମତ ମାଗିଥିଲେ। ଏହି ପ୍ରସଙ୍ଗରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ଡି.ଆର୍.ସି. ୧୦୮/୧୦୨୮୮୧/ଆର୍. ଡି.ଏମ୍. ତା. ୧୮.୦୧.୧୧ ଏବଂ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା ୮୧ ତା. ୮.୩.୨୦୧୧ରିଖକୁ ଭିତ୍ତି କରି ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ବୌଦ୍ଧ ଜିଲାକୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧୀନକୁ ଯିବା ପ୍ରସ୍ତାବରେ ସହମତି ପ୍ରକାଶ କରିଛନ୍ତି । ଏ ନେଇ ପତ୍ରସଂଖ୍ୟା ୪୨୭/ତା. ୨.୪.୨୦୧୧ରିଖରେ ରାଜ୍ୟ ସରକାରଙ୍କ ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ସଚିବଙ୍କୁ ଜଣାଇଛନ୍ତି। ବୌଦ୍ଧ ଜିଲାକୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଅଧୀନକୁ ଆଣିବା ପାଇଁ ସମସ୍ତ ବିଧିବ୍ୟବସ୍ଥା ରହିଥିବା ବେଳେ ରାଜ୍ୟ ସରକାରଙ୍କ ମୁଖ୍ୟ ଦପ୍ତରରେ ଫାଇଲ ଦୀର୍ଘଦିନ ଧରି ନାଲି ଫିତା ତଳେ ପଡିରହିଛି। ଏଥିନେଇ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯଥାଶୀଘ୍ର ଦାବି ପୂରଣ କରାଗଲେ ବୌଦ୍ଧ ଜିଲାବାସୀ ଅଯଥା ଖର୍ଚ୍ଚାନ୍ତ ତଥା ସମୟ ଅପଚୟରୁ ରକ୍ଷା ପାଇପାରିବେ । ଏହାଛଡା ବୌଦ୍ଧ ଜିଲାର ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ବିକାଶ ହୋଇ ପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୩୦ ନଭେମ୍ବର, ୨୦୨୦



## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ବରଗଡ଼ ଅଫିସ:** ବରଗଡ଼-ଭଟଲି ରାସ୍ତାର ଚଣ୍ଡୀ ମନ୍ଦିର ନିକଟରେ ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି । ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ ବ୍ଲକ ଅନ୍ତର୍ଗତ ବରଡ଼ୋଲର ପ୍ରତୀକ ପ୍ରଧାନ (୨୫)। ଶବ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ଅଣାଯାଇଛି। ଦୁର୍ଘଟଣା ପରେ ଟ୍ରକ୍ ଫେରାର୍ ହୋଇଯାଇଛି। ପ୍ରକାଶ ଯେ, ପ୍ରତୀକ ଏକ ବାଇକ୍ ଯୋଗେ ଭଟଲି ପଟୁ ନିଜ ଘରକୁ ଫେରୁଥିଲେ। ବିପରିତ ଦିଗରୁ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେବା ସହିତ ଭଟଲି ପଟକୁ ଦ୍ରୁତ ବେଗରେ ଚାଲି ଯାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ଖୋଜାଖୋଜି କରୁଛି। ମାତ୍ର ଖବର ଲେଖାହେବା ସୁଦ୍ଧା (ରାତ୍ରି ୭ଟା ୪୫ମିନିଟ୍) ସମ୍ପୃକ୍ତ ଟ୍ରକକୁ ପୋଲିସ ଠାବ କରି ପାରି ନାହିଁ ।

# ଘରକୁ ଫେରୁଛନ୍ତି ଜିଲା ବାହାର ଶ୍ରମିକ

**ବରଗଡ଼ ଅଫିସ,୨୯।୧୧**

ମହାମାରୀ କରୋନା ସମସ୍ତଙ୍କ ରୋଜଗାର ଛଡ଼ାଇ ନେଇଛି। ଏଥିରେ ଶ୍ରମଜୀବୀ ଶ୍ରେଣୀର ଲୋକେ ଅଧିକ ପ୍ରଭାବିତ ହୋଇଛନ୍ତି। କରୋନା ସଂକ୍ରମଣ ଆରମ୍ଭ ହେବାଠାରୁ ଶ୍ରମିକଙ୍କ ଦୁର୍ଦ୍ଦଶା ବଢ଼ି ଯାଇଛି ଯେ, ତାହା ଥମିବାର ନାଁ ନେଉ ନାହିଁ। ଚଳିତ ଧାନ ଅମଳ ସମୟରେ ଏହା ପରିଲକ୍ଷିତ ହେଉଛି। ରୋଜଗାର ଆଶାରେ ଜିଲା ବାହାରୁ ବରଗଡ଼କୁ ଶ୍ରମିକମାନେ ଆସିଛନ୍ତି। ତେବେ ଅନ୍ୟବର୍ଷ ତୁଳନାରେ କମ୍ ସଂଖ୍ୟକ ଶ୍ରମିକ ଆସିଥିଲେ ମଧ୍ୟ ପୂର୍ବବର୍ଷ ଭଳି ସେମାନଙ୍କୁ ରୋଜଗାର ମିଳୁ ନାହିଁ। ଧାନ ଅମଳ ଯନ୍ତ୍ର ହାର୍ଭେଷ୍ଟରକୁ ଅନେକ ଚାଷୀ ଏବେ ବ୍ୟବହାର କରୁଛନ୍ତି। ଫଳରେ ରୋଜଗାର ଆଶାରେ ଆସିଥିବା ଶ୍ରମିକମାନେ ପୁଣି ନିରାଶରେ ଘରକୁ ଫେରୁଥିବା ଦେଖିବାକୁ ମିଳୁଛି।

ରାଜ୍ୟର ସର୍ବାଧିକ ଧାନ ବରଗଡ଼ ଜିଲାରେ ହିଁ ଉତ୍ପାଦନ ହୋଇଥାଏ। ଜିଲାର ପଦ୍ମପୁର ଉପଖଣ୍ଡ, ବରଗଡ଼ ଉପଖଣ୍ଡର ଅମ୍ବାଭୋନା ବ୍ଲକକୁ ଛାଡ଼ି ଦେଲେ ଅନ୍ୟ ଅଞ୍ଚଳ ହୀରାକୁଦ ଜଳସେଚିତ। ଅତାବିରା, ଭେଡ଼େନ, ବରଗଡ଼, ବରପାଲି, ଭଟଲି ବ୍ଲକର ଆଂଶିକ ଅଞ୍ଚଳକୁ ମଧ୍ୟ ହୀରାକୁଦ ପାଣି ମାଡ଼ି ନ ଥାଏ। ତେବେ ହୀରାକୁଦ ଜଳସେଚିତ ଅଞ୍ଚଳରେ ଉଭୟ ରବି, ଖରିଫ ଋତୁରେ ଧାନଚାଷ ହୋଇଥାଏ। ସେହିପରି ଜିଲାର ଅଣଜଳସେଚିତ ଅଞ୍ଚଳର ଚାଷୀମାନେ ମୁଖ୍ୟତଃ ବର୍ଷାପାଣି ଉପରେ ନିର୍ଭର କରି ଖରିଫ୍ ଋତୁରେ ଧାନଚାଷ କରିଥାନ୍ତି। ଏହି ଦୃଷ୍ଟିରୁ ଧାନ ଅମଳ ସମୟରେ ରୋଜଗାର ଆଶାରେ ପଡ଼ୋଶୀ ଛତିଶଗଡ଼ ସମେତ ବାହ୍ୟ ଜିଲା କଳାହାଣ୍ଡି, ନୂଆପଡ଼ା, ସୋନପୁର, ବଲାଙ୍ଗୀର ଆଦି ଜିଲାରୁ ଶ୍ରମିକମାନେ ପ୍ରତିବର୍ଷ ବରଗଡ଼ ଜିଲାକୁ ଆସିଥାନ୍ତି। ମାତ୍ର ମହାମାରୀ କରୋନା ସେଭଳି ରୋଜଗାରକୁ ମଧ୍ୟ ପ୍ରଭାବିତ କରିଛି ।


ଘରକୁ ଫେରିବା ପାଇଁ ଶ୍ରମିକମାନେ ବରଗଡ଼ ସରକାରୀ ବସଷ୍ଟାଣ୍ଡକୁ ଆସୁଛନ୍ତି।


ଭେଡ଼େନ ବ୍ଲକ ଉଦେପୁର ଅଞ୍ଚଳରେ ହାର୍ଭେଷ୍ଟର ଯୋଗେ ଧାନ ଅମଳ ଚାଲିଛି।

**ହାର୍ଭେଷ୍ଟର ମେଶିନ୍ ଦ୍ୱାରା ଧାନ ଅମଳ**

ଗତ ମାର୍ଚ୍ଚ, ଏପ୍ରିଲରେ ଚାଷୀମାନେ ରବିଧାନ ଅମଳ କରିଥିଲେ। ମାତ୍ର ସେତେବେଳେ କରୋନା ଯୋଗୁ ଲକ୍‌ଡାଉନ୍ କଟକଣା ଜାରି ରହିଥିବାରୁ ଜିଲା ବାହାରୁ ଏଠାକୁ ଶ୍ରମିକମାନେ ଆସି ପାରି ନ ଥିଲେ। ଏପରିକି ସ୍ଥାନୀୟ ଶ୍ରମିକମାନେ ମଧ୍ୟ ଧାନ ଅମଳ ଶ୍ରମ ପାଇଁ ଘରୁ ବାହାରି ପାରି ନ ଥିଲେ। ଫଳରେ ଧାନ ଅମଳ ପ୍ରଭାବିତ ହୋଇଥିଲା। ଚାଷୀଙ୍କ ଧାନ ଅମଳରେ ସେତେବେଳେ ହାର୍ଭେଷ୍ଟର ହିଁ ପ୍ରମୁଖ ମାଧ୍ୟମ ପାଲଟିଥିଲା। ଏବେ କରୋନା କଟକଣା କୋହଳ ହୋଇଥିଲେ ସୁଦ୍ଧା ସଂକ୍ରମଣ ଟଳିନାହିଁ। ଅନ୍ୟପଟେ କଟକଣା କୋହଳ ପରେ ଶ୍ରମିକମାନେ ଚଳିତ ଖରିଫ ଧାନ ଅମଳ ପାଇଁ ଜିଲାକୁ ଆସିଥିଲେ ହେଁ ପୂର୍ବବର୍ଷ ଭଳି ରୋଜଗାର ପାଉ ନାହାନ୍ତି । ରବିବାର ଭବାନୀପାଟଣା ଅଞ୍ଚଳକୁ ବାହୁଡୁଥିବା କିଛି ଶ୍ରମିକଙ୍କୁ ଭେଟିଥିଲୁ। ଶଙ୍କର ଜାନୀ ନାମକ ଜଣେ ଶ୍ରମିକ କହିଥିଲେ, ୨୦ ଦିନ ତଳେ ୧୭ଜଣ ଆସିଥିଲୁ। ଅତାବିରା ଅଞ୍ଚଳକୁ ଯାଇଥିଲ। କିଛି ରୋଜଗାର କରିଛୁ। ହେଲେ ଆଗଭଳି କାମ ମିଳୁନି, ଫଳରେ ଫେରି ଯାଉଛୁ ବୋଲି କହିଥିଲେ।

ସେହିପରି ଆଉଜଣେ ଶ୍ରମିକ ଭଗବାନ ଜାନୀ କହିଥିଲେ, କରୋନା ଆସିଲା ଦିନଠାରୁ କାମ ମିଳୁନାହିଁ। ଅନ୍ୟବର୍ଷ ଭଳି ଧାନ ଅମଳ କରି କିଛି ରୋଜଗାର କରିବା ଆଶା ନେଇ ଆସିଥିଲୁ । ହେଲେ ଅନେକ ଚାଷୀ ଏବେ ହାର୍ଭେଷ୍ଟରରେ ଧାନ ଅମଳ କରି ସାରିଲେଣି। କାମ ପୂର୍ବଭଳି ମିଳିଲାନି, ସେଥିପାଇଁ ଘରକୁ ଫେରି ଯାଉଥିବା ସେ କହିଥିଲେ। ବରଗଡ଼ ବ୍ଲକ କଳାପାଣିର ଜଣେ ଚାଷୀ ସୁରେଶ ନେକାଣ୍ଡି କହନ୍ତି, ସେ ୨୦ ଏକର ଧାନଚାଷ କରିଥିଲେ। ସବୁଧାନ ହାର୍ଭେଷ୍ଟରରେ ଅମଳ କରି ସାରିଛନ୍ତି। ଶ୍ରମିକ ଅଭାବ ଯୋଗୁ ରବିଧାନ ଅମଳ ପ୍ରଭାବିତ ହୋଇଥିଲା। ଫଳରେ ରବିଧାନ ଅମଳ ଭଳି ସମସ୍ୟା ଉପୁଜିବା ଆଶଙ୍କା କରି ହାର୍ଭେଷ୍ଟରରେ ସବୁଧାନ ଅମଳ କରିଥିବା ସେ କହିଥିଲେ। ଅତାବିରା ବ୍ଲକ ଦୁଲମପୁର ପଞ୍ଚାୟତ ଖଲିଆପାଲି ଗ୍ରାମର ଆଉଜଣେ ଚାଷୀ ସଞ୍ଜୀବ ମହାକୁର କହିଛନ୍ତି, ସେ ଅଧିକାଂଶ ଧାନ ହାର୍ଭେଷ୍ଟର ଯୋଗେ ଅମଳ କରିଛନ୍ତି। ଯେଉଁ ଜମିକୁ ହାର୍ଭେଷ୍ଟର ଯାଇ ପାରିଲାନି, ସେଭଳି ଅଳ୍ପକିଛି ଜମିରେ ଶ୍ରମିକ ଲଗାଇଥିବା ସେ କହିଥିଲେ। ସିନ୍ଦୁରବାହାଲ ଗ୍ରାମର ଚାଷୀ ସୁବାରାଓ କହିଛନ୍ତି, ଉଭୟ ହାର୍ଭେଷ୍ଟର ଆଉ ଶ୍ରମିକ ଲଗାଇ ସେ ଧାନ ଅମଳ କରିଛନ୍ତି। ଅମଳ ପରେ ଧାନ ପକେଟ୍ ପ୍ରତି ଶ୍ରମିକମାନେ ୧୧୦ରୁ ୧୧୫ ଟଙ୍କା ନେଉଥିବା ସେ କହିଛନ୍ତି।

## ବାଇକ୍ ଛଡାଇ ନେଲେ ଦୁର୍ବୃତ୍ତ

**ଜୁନାଗଡ, ୨୯।୧୧(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ବକ୍ସିତୁଲସୀପାଲି ନିକଟି ଘନା ଜଙ୍ଗଲ ରାସ୍ତାରେ ରବିବାର ଅପରାହ୍ନରେ ଜଣେ ଯୁବକଙ୍କ ବାଇକକୁ ଦୁର୍ବୃତ୍ତମାନେ ଛଡାଇ ନେଇଛନ୍ତି। ଏ ନେଇ ଲୁଟ୍‌ର ଶିକାର ଜୁନାଗଡ ଥାନା ରଣପୁର ଗ୍ରାମର ଦିଲୀପ ବାଣୁଆ ଥାନାରେ ଅଭିଯୋଗ କରିଛନ୍ତି। ଦିଲୀପ ଅପରାହ୍ନରେ ଜୁନାଗଡରୁ ଗାଁକୁ ଫେରୁଥିବାବେଳେ ବକ୍ସିତୁଲସୀପାଲି ଘନା ଜଙ୍ଗଲରେ ଛକି ରହିଥିବା ୩ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ଭୟଭୀତ କରାଇବା ପରେ ବାଇକକୁ ଛଡାଇ ନେଇଥିଲେ। ଦୁର୍ବୃତ୍ତମାନେ ଗୋଟିଏ ବାଇକରେ ଆସି ସେଠାରେ ଛକି ରହିଥିଲେ ବୋଲି ଦିଲୀପ ଅଭିଯୋଗ କରିଛନ୍ତି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଥାନାଧିକାରୀ ଉତ୍ତମ କୁମାର ସାହୁ।

## ଅଙ୍ଗନୱାଡି ଶିଶୁଙ୍କୁ ମିଳିଲା ଶୀତବସ୍ତ୍ର

**ଲୋଇସିଂହା, ୨୯।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ପ୍ରାକ୍‌ଶିକ୍ଷା ଗ୍ରହଣ କରୁଥିବା ୪୦୭୭ ଶିଶୁଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯିବ । ଲୋଇସିଂହା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ୧୭୬ ଅଙ୍ଗନୱାଡି କେନ୍ଦ୍ର ଓ ୯ଟି ମିନି କେନ୍ଦ୍ର ରହିଛି। ଏପରି ୧୮୫ ଅଙ୍ଗନୱାଡି କେନ୍ଦ୍ର ରହିଛି । ୩ ରୁ ୬ ବର୍ଷର ୪୦୭୭ ଶିଶୁ ପ୍ରାକ ଶିକ୍ଷା ଲାଭ କରୁଛନ୍ତି। ୨୦୨୩ ବାଳିକା ଓ ୨୦୫୪ ବାଳକ ଶୀତବସ୍ତ୍ର ପାଇ ଉପକୃତ ହେବେ ବୋଲି ସିଡିପିଓ ପ୍ରଜ୍ଞା ବାରିକ କହିଛନ୍ତି। ବୁର୍ଡା ସମେତ ବିଭିନ୍ନ ସ୍ଥାନରେ ଶିଶୁଙ୍କ ଶୀତବସ୍ତ୍ର ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସ୍ଥାୟୀ ଗୋଦାମ ଘର ନିର୍ମାଣ ଦାବି କଲେ ଚାଷୀ

**ଖପ୍ରାଖୋଲ, ୨୯।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ସପ୍ତାହେ ହେଲା ଧାନ ମଣ୍ଡି ଖୋଲିଛି। ହେଲେ ସୂଚାରୁ ରୂପେ ଧାନ କ୍ରୟବିକ୍ରୟ ଚାଲି ପାରିନାହିଁ। ଅନ୍ୟପକ୍ଷେ କୋହଲା ପାଗ ସାଙ୍ଗକୁ ଗତ ଶୁକ୍ରବାର ଝିପି ଝିପି ବର୍ଷା ଚାଷୀର ନିଦ ହଜାଇ ଦେଇଛି। ଖପ୍ରାଖୋଲ କୃଷି ସମବାୟ ସମିତି ଧାନ ମଣ୍ଡିର ସ୍ଥାୟୀ ମଣ୍ଡି ନ ଥିବାରୁ ଅସ୍ଥାୟୀ ମଣ୍ଡିରେ ଧାନକିଣା ବ୍ୟବସ୍ଥା ହୋଇଛି। ଅନେକ ଚାଷୀ ଟୋକନ ପାଇ ଧାନ ବିକିବାକୁ ଆଣିଥିବାବେଳେ ବର୍ଷା ଯୋଗୁଁ ପଲିଥିନ ଢାଙ୍କି ରଖିଛନ୍ତି। ୪ବର୍ଷ ତଳେ ସମବାୟ ସମିତିର ଗୋଦାମ ଘର ପାଇଁ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ସ୍ଥାନାଭାବରୁ ତାହା ନିର୍ମାଣ ହୋଇପାରି ନାହିଁ। ତୁରନ୍ତ ଜମି ଚିହ୍ନଟ ସହ ସ୍ଥାୟୀ ମଣ୍ଡି ଏବଂ ଗୋଦାମ ଘର ନିର୍ମାଣ ପାଇଁ ଚାଷୀ ନିଳାମ୍ବର ବିଶ୍ୱାଳ, ତପ ସାହୁ, ଅନାଦି ବାଗ ପ୍ରମୁଖ ଦାବି କରିଛନ୍ତି। ଏ ନେଇ କୃଷି ସମବାୟ ସମିତି ସମ୍ପାଦକ ଶ୍ରୀପତୀ ଭୋଇଙ୍କୁ ପଚାରିବାରୁ ଟୋକନ ପାଇଥିବା ଚାଷୀଙ୍କୁ ଧାନ ଆଣିବା ପାଇଁ କୁହାଯାଇଥିଲା। ସ୍ଥାୟୀ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ରାଜସ୍ୱ ବିଭାଗକୁ ଜଣାଇ ଦିଆଯାଇଛି ବୋଲି ସେ କହିଛନ୍ତି।

### ଆଦିମ ଅଧିବାସୀ ଏକତା ମଞ୍ଚ ପକ୍ଷରୁ ପ୍ରତିଯୋଗିତା

**ହରଭଙ୍ଗା,୨୯।୧୧(ଡି.ଏନ.ଏ.)**-ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଆଦିମ ଅଧିବାସୀ ଏକତା ମଞ୍ଚ ପକ୍ଷରୁ ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ୧୬ ଦିନିଆ ଅଭିଯାନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ସଂଗଠନ ପକ୍ଷରୁ ବ୍ଲକର ବିଭିନ୍ନ ସ୍ଥାନରେ ଏନେଇ ଲୋକଙ୍କୁ ସଚେତନ କରାଯାଇଥିଲା । ଏଥିସହ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ତଲଗାଁ, ମହାଲିକପଡା, କୁଶଙ୍ଗ , ଧଳପୁର , ତିଲେଶ୍ୱର ଆଦି ପଞ୍ଚାୟତଗୁଡିକରେ ଚିତ୍ରାଙ୍କନ ପ୍ରତିଯୋଗିତା ଓ ରିମେଡିଆଲ କ୍ଲାସ ହୋଇଯାଇଛି । ଆଦିମ ଅଧିବାସୀ ଏକତା ମଞ୍ଚ ପକ୍ଷରୁ ବ୍ଲକ ସଭାପତି ସଞ୍ଜୟ ପ୍ରଧାନ, ସଂଯୋଜକ ଅଶୋକ ନାଏକ, କୁଶ ମହାକୁଡ, କୈଳାସ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ଭାଜପା ପକ୍ଷରୁ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର

**ଡୁଙ୍ଗୁରିପାଲି,୨୯।୧୧(ଡି.ଏନ.ଏ.)**- ଭାରତୀୟ ଜନତା ପାର୍ଟି ପକ୍ଷରୁ ରାମପୁର କଲ୍ୟାଣ ମଣ୍ଡପଠାରେ ଗତ ୨୭ ଓ ୨୮ ତାରିଖ ଦୁଇ ଦିନ ଧରି ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ବୈଶାଖୁ ମିର୍ଦ୍ଧାଙ୍କ ସଭାପତିତ୍ୱରେ ହୋଇଥିବା ଏହି ଶିବିରରେ ଜିଲା ଭାଜପା କର୍ମକର୍ତ୍ତା ଏବଂ ଆରଏସଏସର କର୍ମକର୍ତ୍ତା ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ । ଏଥିରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅଶୋକ କୁମାର ପୂଜାରୀ, ରୁଦ୍ରକିଶୋର ମହଲା, ଦିଲୀପ ତ୍ରିପାଠୀ, ଉଷତ କର, ରାଧାବଲ୍ଲଭ ଷଡଙ୍ଗୀ, ସୁରେଶ ଚନ୍ଦ୍ର ମହଲା, ରାମନାରାୟଣ ବେଞ୍ଚ, ହେମନ୍ତ ବିଶ୍ୱାଳ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ରାମପୁର ମଣ୍ଡଳର ୯ଟି ପଞ୍ଚାୟତର କର୍ମକର୍ତ୍ତା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଶ୍ୟାମ ସୁନ୍ଦର ମାଝି, ଶିବରାଜ ବେହେରା, ବୃନ୍ଦାବନ ଝାଙ୍କର, ନରୋତ୍ତମ ବାରିକ, ଅରକ୍ଷିତ ପଧାନ, ସୁଜେଇ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ ।

### ଉପାନ୍ତ ଅଞ୍ଚଳରେ ଟେଲିଫୋନ ସେବାରୁ ବଞ୍ଚିତ ଉପଭୋକ୍ତା

**ହରଭଙ୍ଗା,୨୯।୧୧(ଡି.ଏନ.ଏ.)**- ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଉପାନ୍ତ ତଥା ମାଓବାଦୀ ପ୍ରବଣ ଦୁର୍ଗମ ପାହାଡିଆ ଅଞ୍ଚଳରେ ଆଜି ବି ମୋବାଇଲ୍ ସେବାରୁ ଲୋକେ ବଞ୍ଚିତ ହୋଇ ରହିଛନ୍ତି । ଫଳରେ କୌଣସି ଜରୁରୀ ଖବର ସଙ୍ଗେ ସଙ୍ଗେ ଜଣାଇବା ସମ୍ଭବ ହେଉନାହିଁ। ସ୍ଥାନୀୟ ଜନସାଧାରଣଙ୍କ କହିବା ଅନୁଯାୟୀ, ତଲଗାଁ ଗ୍ରାମ ପଞ୍ଚାୟତର ତଳଗାଁଠାରେ ଗତ ୪ ବର୍ଷ ତଳେ ମୋବାଇଲ୍ ସେବା ସୁବିଧାରେ ଯୋଗାଇ ଦେବାକୁ ଏକ ଟେଲି କମ୍ପାନୀ ଟାୱାର୍ ନିର୍ମାଣ କାମ ଆରମ୍ଭ କରିଥିଲା। କିନ୍ତୁ ଅଦ୍ୟାବଧି ଟାୱାର କାମ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ମୋବାଇଲରେ ଜରୁରୀ କଥାବାର୍ତ୍ତା କରିବା ପାଇଁ ଘରଠାରୁ ଦୂର ସ୍ଥାନକୁ ଯିବାକୁ ପଡୁଛି। ଅଧାପନ୍ତରିଆ ଟାୱାର କାମ ଶୀଘ୍ର ଶେଷ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବି ହୋଇ ଆସୁଥିଲେ ହେଁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଗୁଲାମୁଣ୍ଡାକୁ ସଂଯୋଗ ପାଇଁ ବାଧକ ସାଜିଛି ନାଳ

**ଖପ୍ରାଖୋଲ, ୨୯।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଅନ୍ତର୍ଗତ ଗୁଲାମୁଣ୍ଡା ଗାଁ। ଗାଁ ଚାରିପଟେ ଘେରି ରହିଛି କଟଙ୍ଗି ନାଳ। ବର୍ଷା ଦିନେ ଏହି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ। ଏଥିଯୋଗୁ ଲୋକେ ବିଭନ୍ନ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହୋଇଥାନ୍ତି। ଗାଁରେ ମୋଟ ୮୨ ପରିବାର ବାସ କରୁଥିବାବେଳେ ଜନସଂଖ୍ୟା ପ୍ରାୟ ୩୫୦। ଅଧାରୁ ଅଧିକ ଜନସଂଖ୍ୟା ଆଦିବାସୀ ସମ୍ପ୍ରଦାୟର। ଗାଁରେ ଅଙ୍ଗନଓାଡି କେନ୍ଦ୍ର ଏବଂ ପ୍ରାଥମିକ ବିଦ୍ୟାଳୟ ଥିଲେ ବି ବର୍ଷାଦିନେ ନାଳ ବଢିବା ଯୋଗୁଁ ଲୋକେ ଯାଆସ କରି ପାରନ୍ତି ନାହିଁ। ଏପରିକି ପଞ୍ଚାୟତରୁ ମିଳୁଥିବା ରାସନ ସାମଗ୍ରୀ ଆଣିବା ସମ୍ଭବ ହୋଇ ନ ଥାଏ। ୨ବର୍ଷ ତଳେ ଗାଁକୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। କେହି ଅସୁସ୍ଥ ହୋଇ ପଡିଲେ ରୋଗୀକୁ କାନ୍ଧରେ ବୋହି ନାଳ ପାର କରି ଡାକ୍ତରଖାନା ନିଆଯାଇଥାଏ। ସର୍ଗିପାଲି ରାସ୍ତାରେ ପୋଲ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଗ୍ରାମବାସୀ ଦାବି କରି ଆସଛନ୍ତି। ଏପରିକି ଦୁଇଥର ନିର୍ବାଚନ ମଧ୍ୟ ବର୍ଜନ କରିଛନ୍ତି। ବିଡିଓ, ଉପଜିଲାପାଳ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ବି ପ୍ରତିଶ୍ରୁତି ଛଡା ଗ୍ରାମବାସୀଙ୍କୁ କିଛି ମିଳିନି। ତୁରନ୍ତ ନାଳରେ ପୋଲ ନିର୍ମାଣ କରା ନ ଗଲେ ଆନ୍ଦୋଳନାତ୍ମକପନ୍ଥା ଅବଲମ୍ବନ କରାଯିବ ବୋଲି ଗାଁର ଲୋଚନ ମେହେର, ସୁଦର୍ଶନ ଭୁଏ, ଅଶୋକ ଭୁଏ, ଅକୂର ବରିହା, ଉମା ଭୋଇ, ନିଳାମ୍ବର ବରିହା, ଶ୍ରୀପତୀ ଭୁଏ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ବିଡିଓ ତରଣୀ ସୁନାଙ୍କୁ ପଚାରିବାରୁ ଗାଁ ସମସ୍ୟା ସମ୍ପର୍କରେ ପ୍ରଶାସନ ଅବଗତ ଅଛି । ଜିଲା ମିନେରାଲ ଫଣ୍ଡ ସହାୟତାରେ କଟଙ୍ଗି ନାଳ ଉପରେ ପୋଲ ନିର୍ମାଣ ପାଇଁ ପ୍ଲାନ କରାଯାଇଛି। ଅର୍ଥ ମଞ୍ଜୁର ହେଲେ କାମ ଆରମ୍ଭ ହେବ ବୋଲି କହିଛନ୍ତି।


ବ୍ରିଜ ନ ଥିବାରୁ ଲୋକେ ପାଣିରେ ପଶି ନାଳ ପାର ହେଉଛନ୍ତି।

**■ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ**

**■ପୋଲ ନିର୍ମାଣ ପାଇଁ ଦାବି**

## ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତ ଗିରଫ

**ନାକଟୀଦେଉଳ, ୨୯।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା କିସିଣ୍ଡା ଥାନା ଅଞ୍ଚଳର ଜନୈକା ୧୭ବର୍ଷିୟା ନାବାଳିକାଙ୍କୁ ବଳାତ୍କାର ପରେ ବିକ୍ରି ପାଇଁ ଯୋଜନା କରାଯାଉଥିବା ମାମଲାରେ ପୋଲିସ ରବିବାର ଅଭିଯୁକ୍ତ ବସନ୍ତ ସାହୁ (୩୫)ଙ୍କୁ ଗିରଫ କରିଛି। ରେଢାଖୋଲ ଥାନା ଶ୍ୟାମପୁରସ୍ଥିତ ତାଙ୍କ ଘରୁ ପୋଲିସ ଗିରଫ କରିବା ପରେ ନାକଟୀଦେଉଳ ଡ଼ାକ୍ତରଖାନାରେ ଡାକ୍ତରୀମାଇନା କରାଯାଇଛି । ବସନ୍ତ ଗତ କିଛି ମାସ ହେଲା କିସିଣ୍ଡା ଥାନା ଉପରମୁଣ୍ଡାର ଜଣେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଆସୁଥିଲେ। ଗତ ୨୫ତାରିଖରେ ବାହା ହେବାକୁ କହି ସେ ତାଙ୍କୁ ଘରୁ ଡ଼କାଇ ଆଣି ରେଢାଖୋଲର ଏକ ଭଡ଼ାଘରେ ରଖିଥିଲେ। ଦୁଇଦିନ କାଳ ବଳାତ୍କାର କରିବା ପରେ ୨୭ତାରିଖ ଦିନ ନାବାଳିକାଙ୍କୁ ବାହାରେ ବିକ୍ରି କରିବାକୁ ଯୋଜନା କରି କାହା ସହିତ ଫୋନରେ କଥାବାର୍ତ୍ତା ହେଉଥିବା ଶୁଣିବା ପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ବସନ୍ତ ତାଙ୍କୁ ସେହି ଘରେ ବାହାର ପଟୁ ତାଲା ଦେଇ ଚାଲିଯାଇଥଲେ। ପୀଡିତା କୌଣସିମତେ ଖସି ଆସି ସ୍ଥାନୀୟ ଲୋକଙ୍କୁ ଜଣାଇବା ପରେ ସେମାନେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଝିଅକୁ ଉଦ୍ଧାର କରିବା ସହ କିସିଣ୍ଡା ଥାନାରେ ଅଭିଯୋଗ କରିଥିଲେ।

# ଚାକିରି ଦେବା ନାଁରେ ଠକେଇ: ଜଣେ ଗିରଫ

**ଖଡିଆଳ, ୨୯।୧୧ (ଡି.ଏନ.ଏ.)**

ଚାକିରି କରାଇ ଦେବା ନାଁରେ ଲୋକଙ୍କୁ ଠକୁଥିବା ଜଣେ ବ୍ୟକ୍ତିଙ୍କୁ ନୂଆପଡା ଜିଲା ଖଡିଆଳ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଉଛି କଳାହାଣ୍ଡି ଜିଲା ଜୁନାଗଡ ଥାନା ଚିଟେଗୁଡା ଗ୍ରାମର ଲକ୍ଷ୍ମୀକାନ୍ତ ମେହେର (୩୦)। ଲକ୍ଷ୍ମୀକାନ୍ତଙ୍କଠାରୁ ୩ଟି ମୋବାଇଲ, କିଛି ପୋଷ୍ଟର ଏବଂ ୧୨୪୮୦ ଟଙ୍କା ଜବତ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଏକ ଖବରଦାତା ସମ୍ମିଳନୀରେ ଖଡିଆଳ ଏସଡିପିଓ ବିରଞ୍ଚି ପ୍ରସାଦ ଦେହୁରୀ ସୂଚନା ଦେଇଛନ୍ତି ।

ଏସଡିପିଓ ସୂଚନା ଦେଇ କହିଛନ୍ତି ଯେ, ଅଭିଯୁକ୍ତ ନୂଆପଡା ଜିଲା ଖଡିଆଳ, ସିନାପାଲି, ବୋଡେନ, ନୂଆପଡା, ଖରିଆରରୋଡ, କୋମନା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାଟା ଏଣ୍ଟ୍ରି ଅପରେଟର, ସିକ୍ୟୁରିଟି ଗାର୍ଡ, ୱାର୍ଡ ଆକାଉଣ୍ଟାଣ୍ଡ, ଟିକେଟ କାଉଣ୍ଟର, ଏଏନଏମ ପ୍ରଭୃତି ପଦ ପାଇଁ ଚାକିରି ଦେବାକୁ ଜିଲାର ବିଭିନ୍ନ ସ୍ଥାନ, କାନ୍ଥରେ ପୋଷ୍ଟର ଲଗାଇଥିଲେ। ଜଣେ ଆଶାୟୀ ନିଜର ନାମ ପଞ୍ଜୀକରଣ ପାଇଁ ୧୫୦୦ ଟଙ୍କା ଦେବା ସହିତ ନିଜ ଆଧାରକାର୍ଡ, ୪ ପାସପୋର୍ଟ ଫଟୋ, ଦଶମ ସାର୍ଟିଫିକେଟ, ବ୍ୟାଙ୍କ ଆକାଉଣ୍ଟ, ବାୟାଡାଟା ଫର୍ମ ସହିତ ନିଜର ଇ-ମେଲ ଆଇଡି ଦେବା ପାଇଁ ପୋଷ୍ଟରେ ଉଲ୍ଲେଖ ଥିଲା। ଏହି ଦେଖି ଚାକିରି ପାଇଁ କେତେକ ଆଶାୟୀ ୧୫ ଶହ ଟଙ୍କା ଦେବା ସହିତ ନିଜର ସମସ୍ତ ବାୟଡାଟା ଦେଇଥିଲେ। ଯେଉଁମାନେ ୧୫ ଶହ ଟଙ୍କାରେ ପଞ୍ଜୀକରଣ କରିଥିଲେ ସେମାନଙ୍କୁ କାର୍ଡ ଦିଆଯାଉଥିଲା ଓ ୩୦ ହଜାର ଟଙ୍କା ଦେବା ପାଇଁ କୁହାଯାଉଥିଲା। ଠକେଇର ଶିକାର ଖଡିଆଳ ଥାନା ରାଣିମୁଣ୍ଡା ଗ୍ରାମର ଡିଙ୍ଗର ହଂସ (୨୨) ଏଥିରେ ସନ୍ଦେହ କରି ଗତ ୨୧ ତାରିଖରେ ଲିଖିତ ଏତଲା ଦେଇଥିଲେ। ଘଟଣାର ତଦନ୍ତ କରି ଖଡିଆଳ ପୋଲିସ ନୂଆପଡା ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଲକ୍ଷ୍ମୀକାନ୍ତଙ୍କୁ ଗିରଫ କରିଛି। ଖବରଦାତା ସମ୍ମିଳନୀରେ ଖଡିଆଳ ଥାନା ଏସଡିପିଓ ଦେହୁରୀ, ଖଡିଆଳ ଥାନା ଆଇଆଇସି କୈଳାଶ ଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ ।


ଗିରଫ ଅଭିଯୁକ୍ତ ।

## ଏକଦିବସୀୟ ଫୁଟବଲ: ବରକାନୀ ଚାମ୍ପିୟନ

**ଦେଓଗାଁ,୨୯।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନି ଷ୍ଟାଡିୟମରେ ରବିବାର ବ୍ରଜେନ୍ଦ୍ର ନାରାୟଣ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳରେ ବରକାନୀ ଦଳ ଟାଇବ୍ରେକର ୩-୨ ଗୋଲରେ ମହିପୁରକୁ ହରାଇ ଚାମ୍ପିୟନ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ବରକାନୀର ଟୁଲୁ ଓ ବେଷ୍ଟ ଗୋଲକିପର ମହିପୁରର ଜଗାଙ୍କୁ ପୁରସ୍କୃତ କରାଯାଇଥିଲା। ବିଏନଏଏ ସଭାପତି ପୁରୁଷୋତ୍ତମ ଥନାପତିଙ୍କ ସଂଯୋଜନାରେ ଉଦ୍‌ଯାପନୀ ଅବସରରେ ଅତିଥିଭାବେ ବ୍ଲକ ଅଧକ୍ଷା ରୀନା ମେହେର, ଦୁର୍ଗାପ୍ରସାଦ ସିଂଦେଓ ଓ ସୁଦୟ ବାରିକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କରୁଣାକର ମେହେର, ସୁନ୍ଦରମଣି ଦଣ୍ଡସେନା ରାଜକିଶୋର ସେଠ ଯୋଗଦେଇଥିଲେ। କମିଟି ସମ୍ପାଦକ ଅଂଶୁମାନ କର୍ଣ୍ଣ, ତ୍ରୈଲୋଚନ ବର୍ଗର୍ତ୍ତି, ବୃନ୍ଦାବନ ଭୋଇ, କ୍ଲବ ସଦସ୍ୟ ସହଯୋଗ କରିଥିଲେ । ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ।


ଚାମ୍ପିୟନ ବରକାନୀ ଦଳକୁ ପୁରସ୍କୃତ କରାଯାଉଛି ।

# ମୋରମ ପକାଇ ସାରିଦେଲେ ରାସ୍ତାକାମ

**ଜୁନାଗଡ଼, ୨୯।୧୧(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ବନବିଭାଗ ରେଞ୍ଜ ଅନ୍ତର୍ଗତ ତଳଜାରିଙ୍ଗ ପଞ୍ଚାୟତର ଗୁଞ୍ଜୁଗୁଡା-ମିଚାଶୋଲା ରାସ୍ତାକୁ ଗତ କିଛିଦିନ ତଳେ ମରାମତି କରାଯାଇଛି। ବନବିଭାଗର ଆମ ଜଙ୍ଗଲ ଯୋଜନା କମିଟି ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଏହି ରାସ୍ତା ନିର୍ମାଣ କରାଯାଇଛି। ତେବେ ଏହି ରାସ୍ତାକାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ମାଟି ଓ ମୋରମ ପକାଇ ନିର୍ମାଣ ହେବାକୁ ଥିବାବେଳେ କେବଳ ମୋରମ ପକାଇ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ସାରି ଦିଆଯାଇଛି। ଯାହାକୁ ନେଇ ସାଧାରଣରେ ଏବେ ଆଲୋଡନ ସୃଷ୍ଟି କରିଛି।

ଜୁନାଗଡ ବନବିଭାଗ ରେଞ୍ଜ ଡୁମେରବାହାଲ ସେକ୍‌ସନ ସୁରୁଗୁଡା ବିଟ୍ ପକ୍ଷରୁ ଗତ କିଛିଦିନ ତଳେ ଗୁଞ୍ଜୁଗୁଡା-ମିଚାଶୋଲା ମୁଖ୍ୟ ରାସ୍ତାକୁ ମରାମତି କରାଯାଇଛି। ଏହି ମରାମତି କାମରେ ପ୍ରଥମେ ମାଟି ଓ ପରେ ମୋରମ୍ ପଡିବାର ନିୟମ ରହିଥିବାବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସ୍ଥାନୀୟ ବନବିଭାଗ କର୍ମଚାରୀ ଅଧିକ ଅର୍ଥ ଲାଳସାରେ ମାଟି ନ ପକାଇ କେବଳ ମୋରମକୁ ନାମକୁ ମାତ୍ର ବିଛାଇ ରାସ୍ତାକାମ ସାରିଦେଇଛନ୍ତି। ସେହିପରି ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଏହି ରାସ୍ତା ତିଆରି ହେଉଥିବାରୁ ଏଠାରେ ଶ୍ରମିକ ଲାଗିବା ବଦଳରେ ବିଭାଗୀୟ କର୍ମଚାରୀ ତରବରିଆ ଭାବେ କାମ ସାରିବାକୁ ମେଶିନ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଫଳରେ ସ୍ଥାନୀୟ ଶ୍ରମିକଙ୍କ କାମକୁ ମଧ୍ଧ ଲାତ ମରାଯାଇଥିବା ଜଣାପଡ଼ିଛି। ଏପରିକି ରାସ୍ତାକାମ ଶେଷ ହେବା ପରେ ମଧ ଏ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଫଳରେ ରାସ୍ତା କେତେ ମିଟର, ବ୍ୟୟ ଅଟକଳ କେତେ ତାହା ସ୍ଥାନୀୟ ଲୋକ ଜାଣିପାରୁନାହାନ୍ତି। ଏ ନେଇ ସ୍ଥାନୀୟ ଫରେଷ୍ଟର ଦେବେନ୍ଦ୍ର ମାଝୀଙ୍କୁ ପଚାରିବାରୁ ଅତି ହାଲୁକାର ସହ ନେଇ ମାଟି ପକାଇଲେ କାଦୁଅ ହେବ ଭାବି ଆମେ ସେହି ପରିମାଣରେ ମୋରମ ପକେଇଦେଇଛୁ ବୋଲି କହିଥିଲେ। ଏ ନେଇ ଜୁନାଗଡ ବନବିଭାଗ ରେଞ୍ଜର ମୁରାରୀ ପଣ୍ଡାଙ୍କୁ ପଚାରିବାରୁ ମାଟି ପଡିବା କଥା କିନ୍ତୁ ଗାଁ ଲୋକ କହିବାରୁ ମୋରମ ପକାଗଲା ବୋଲି କହିଥିଲେ।


ବନବିଭାଗ ପକ୍ଷରୁ ମରାମତି କରାଯାଇଥିବା ଗୁଞ୍ଜୁଗୁଡା-ମିଚାଶୋଲା ରାସ୍ତା।

**ଜୁନାଗଡ ବନବିଭାଗ ରେଞ୍ଜ**

